ନିଙ୍ଗେ ଗୌଡା

ବନାମ

ଲିଙ୍ଗେ ଗୌଡା ଏବଂ ଅନ୍ୟମାନେ

ଅକ୍ଟୋବର 28, 1996

[କେ. ରାମାସ୍ୱାମୀ ଏବଂ ଜି.ବି. ପଟ୍ଟନାୟକ, ନ୍ୟାୟମୂର୍ତ୍ତିଦ୍ୱୟ]

*ଦେୱାନୀ ପ୍ରକ୍ରିୟା ସଂହିତା, 1908 :*

*ଧାରା 100—ବିଭାଜନ ମକଦ୍ଦମା—ଭାଇମାନେ ଏବଂ ବାଦୀଙ୍କ ପିତାଙ୍କ ମଧ୍ୟରେ ବିଭାଜନ ଦ୍ୱାରା ଉତ୍ତରାଧିକାରୀ ମିଳିଥିବା ପୈତୃକ ସମ୍ପତ୍ତି—ପରେ ଭାଇମାନଙ୍କ ମଧ୍ୟରେ ଉତ୍ତରାଧିକାରୀ ହୋଇ ବିଭାଜନ—ସମ୍ପତ୍ତି ବିକ୍ରୟ ସମୟରେ କିଣାଯାଇଥିଲା କି ନାହିଁ ତାହା ଉଚ୍ଚ ନ୍ୟାୟାଳୟ ଦ୍ୱାରା ଭୁଲ ଭାବରେ ଏକ ପ୍ରସଙ୍ଗ ଉଠାଯାଇଛି—ପ୍ରଥମ ଅପିଲ ନ୍ୟାୟାଳୟଙ୍କ ଦ୍ୱାରା ନଥିଭୁକ୍ତ କରାଯାଇଥିବା ତଥ୍ୟର ନିଷ୍କର୍ଷକୁ ନ୍ୟାୟାଳୟର ଚୂଡ଼ାନ୍ତ ସତ୍ୟ ଭାବରେ ଓଲଟାଇବା ପାଇଁ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ସାକ୍ଷ୍ୟର ତର୍ଜମା ଅଯୁକ୍ତିଯୁକ୍ତ ।*

ଦେୱାନୀ ଅପିଲ କ୍ଷେତ୍ରାଧିକାର : ଦେୱାନୀ ଅପିଲ ସଂଖ୍ୟା 14578/1996 ।

ଆର୍.ଏସ୍.ଏ. ସଂଖ୍ୟା 350/1990 ରେ କର୍ଣ୍ଣାଟକ ଉଚ୍ଚ ନ୍ୟାୟାଳୟଙ୍କ 14.2.95

ତାରିଖର ରାୟ ଏବଂ ଆଦେଶରୁ ।

ଅପିଲକାରୀଙ୍କ ତରଫରୁ ଚନ୍ଦ୍ରଶେଖର, ପି.ପି. ସିଂହ ।

ଉତ୍ତରଦାତାମାନଙ୍କ ପାଇଁ ପି.ଆର. ରାମାସେଶ ।

ନ୍ୟାୟାଳୟଙ୍କ ନିମ୍ନଲିଖିତ ଆଦେଶ ପ୍ରଦାନ କରାଗଲା:

ଅନୁମତି ମଞ୍ଜୁର କରାଗଲା ।

ଆମେ ଉଭୟ ପକ୍ଷଙ୍କ ବିଜ୍ଞ ଅଧିବକ୍ତାଙ୍କୁ ଶୁଣିଲୁ ।

ଆର୍.ଏସ୍.ଏ ସଂଖ୍ୟା 350/90ରେ, ଫେବୃଆରୀ 14, 1995ରେ ବିଶେଷ ଅନୁମତି ଦ୍ୱାରା ଏହି ଅପିଲ କର୍ଣ୍ଣାଟକ ଉଚ୍ଚ ନ୍ୟାୟଳୟଙ୍କ ରାୟ ଏବଂ ଡିକ୍ରି ବିରୁଦ୍ଧରେ ଉତ୍ପନ୍ନ ହୁଏ ।

ସ୍ୱୀକୃତ ସ୍ଥିତି ହେଉଛି ଯେ, ଅପିଲକାରୀଙ୍କ ପିତା ଚେନ୍ନେ ଗୌଡା ନିଜେ ଚେନ୍ନେ ଗୌଡା ହେବା ବ୍ୟତୀତ ତାଙ୍କର ଚାରି ଭାଇ ଥିଲେ, ଯଥା, ଲିଙ୍ଗେ ଗୌଡା, ହାଲା ଗୌଡା, ବାଲେ ଗୌଡା ଏବଂ ଚାନ୍ନିଆ । ଅପିଲକାରୀମାନେ (ପ୍ରତିବାଦୀ 8 ଏବଂ 7) ହେଉଛନ୍ତି ଚେନ୍ନେ ଗୌଡ଼ାଙ୍କ ପୁଅ । ପ୍ରଥମ ପ୍ରତିବାଦୀ ହେଉଛନ୍ତି ଲିଙ୍ଗେ ଗୌଡ଼ାଙ୍କ ପୁଅ । ବୋଲେ ଗୌଡ଼ା ହେଉଛନ୍ତି ତୃତୀୟ ପ୍ରତିବାଦୀ ଏବଂ ଚେନ୍ନେ ଗୌଡ଼ା ହେଉଛନ୍ତି ଦ୍ୱିତୀୟ ପ୍ରତିବାଦୀ । ବୋଲେ ଗୌଡ଼ାଙ୍କ ପୁଅମାନେ ହେଉଛନ୍ତି ପ୍ରତିବାଦୀ ସଂଖ୍ୟା 4 ରୁ 6 । ଅପିଲକାରୀ ତାଙ୍କ ସ୍ୱତ୍ୱର ଘୋଷଣା ପାଇଁ ଏବଂ ସମସ୍ତ ପ୍ରତିବାଦୀଙ୍କ ବିରୋଧରେ ତାଙ୍କ ଦଖଲରେ ହସ୍ତକ୍ଷେପ କରିବାରୁ ବାରଣ କରିବାକୁ ନିଷେଧାଦେଶ ପାଇଁ ମକଦ୍ଦମା ଦାଖଲ କରିଥିଲେ । ଏହା ତାଙ୍କର ସ୍ପଷ୍ଟ ଆଳ ଯେ, ସମ୍ପତ୍ତିଟି ପୈତୃକ ସମ୍ପତ୍ତି ଥିଲା ଏବଂ 1936 ପୂର୍ବରୁ, ତାଙ୍କ ପିତାଙ୍କ ପାଞ୍ଚ ଭାଇଙ୍କ ମଧ୍ୟରେ ସୀମା ନିର୍ଣ୍ଣୟ ପ୍ରଣାଳୀ ଦ୍ୱାରା ବିଭାଜନ ହୋଇଥିଲା । ପରବର୍ତ୍ତୀ ସମୟରେ, 1936 ମସିହାରେ, ଅପିଲକାରୀ ଏବଂ ତାଙ୍କ ଭାଇ, ପ୍ରତିବାଦୀ 7 ଏବଂ 8ଙ୍କ ମଧ୍ୟରେ ଆହୁରି ଏକ ବିଭାଜନ ହୋଇଥିଲା ଏବଂ ମକଦ୍ଦମା ଜମି ତାଙ୍କ ଭାଗକୁ ଆସିଥିଲା ଏବଂ ସେବେଠାରୁ ସେ ଏହାର ଦଖଲରେ ଅଛନ୍ତି ଏବଂ ଉପଭୋଗ କରିଆସୁଛନ୍ତି । 1968 ମସିହାରୁ, ପ୍ରତିବାଦୀମାନେ ତାଙ୍କ ସ୍ୱତ୍ୱ ଅସ୍ୱୀକାର କରି ତାଙ୍କ ଦଖଲରେ ହସ୍ତକ୍ଷେପ କରିବା ଆରମ୍ଭ କରିଥିଲେ । ଶେଷରେ, ଏକ ଘୋଷଣା ପାଇଁ ମକଦ୍ଦମା ଦାଖଲ କରାଯାଇଥିଲା । ପ୍ରଥମ ପ୍ରତିବାଦୀ ବର୍ଣ୍ଣନାପତ୍ରରେ ନିଜର ପକ୍ଷ ରଖିଛନ୍ତି, ଯେଉଁଥିରେ ସେ ଯୁକ୍ତି ବାଢିଛନ୍ତି ଯେ, ଏହି ସମ୍ପତ୍ତି, ମୂଳତଃ, ହୁଚାମ୍ମା, ଯେ କି ପ୍ରତିବାଦୀ ସଂଖ୍ୟା 1ଙ୍କ ଜେଜେମା, ଅପିଲକାରୀଙ୍କ ବାପା ଏବଂ ଅନ୍ୟମାନଙ୍କ ଥିଲା । ତାଙ୍କ ମୃତ୍ୟୁ ପରେ ଏହି ସମ୍ପତ୍ତି ସେମାନଙ୍କ ଉପରେ ନ୍ୟସ୍ତ ହୋଇଥିଲା । ଯେବେଠାରୁ ସେମାନେ ମିଳିତ ଭାବରେ ସମ୍ପତ୍ତିର ଦଖଲ ଏବଂ ଉପଭୋଗ କରୁଥିଲେ, ଯାହାକୁ ଅପିଲକାରୀଙ୍କ ପିତା ଚେନ୍ନେ ଗୌଡା 1929-30 ମସିହାରେ ରାଜସ୍ୱ ନଥିରେ ପ୍ରବଞ୍ଚନାପୂର୍ବକ ପରିବର୍ତ୍ତନ କରିଥିଲେ । ତେଣୁ, ଏହା ସେମାନଙ୍କ ପାଇଁ ଆଇନତଃ ବାଧ୍ୟ ନାହିଁ । ବିଚାର କରୁଥିବା ନ୍ୟାୟାଳୟ ଏହି ମକଦ୍ଦମାକୁ ଖାରଜ କରିଦେଲେ । ଅପିଲରେ, ଅପିଲ ନ୍ୟାୟାଳୟ ଡିକ୍ରିକୁ ଓଲଟାଇ ଦେଇଥିଲେ ଏବଂ ମକଦ୍ଦମାକୁ ଡିକ୍ରି କରି ଦେଇଥିଲେ । ଦ୍ୱିତୀୟ ଅପିଲରେ, ଉଚ୍ଚ ନ୍ୟାୟାଳୟ ଅପିଲ ନ୍ୟାୟାଳୟଙ୍କ ଡିକ୍ରିରେ ହସ୍ତକ୍ଷେପ କରିଥିଲେ ଏବଂ

ବିଚାର କରୁଥିବା ନ୍ୟାୟାଳୟଙ୍କ ଡିକ୍ରିକୁ ନିଶ୍ଚିତ କରିଥିଲେ । ଅନ୍ୟ ଶବ୍ଦରେ କହିଲେ, ଏହି ମକଦ୍ଦମା ଏବେ ଖାରଜ କରାଯାଇଛି । ତେଣୁ, ବିଶେଷ ଅନୁମତି ଦ୍ୱାରା ଏହି ଅପିଲ ।

ନଥିରୁ ଏହା ଦେଖାଯାଏ ଏବଂ ଏହା ବିବାଦୀୟ ହୋଇପାରିବ ନାହିଁ ଯେ, ଉଚ୍ଚ ନ୍ୟାୟାଳୟ ଏକ ଫଳାଫଳ ନଥିଭୁକ୍ତ କରିଛନ୍ତି ଯେ, ପ୍ରତିବାଦୀ 1 ଏବଂ 2, ଅପିଲକାରୀଙ୍କ ପିତା ଇତ୍ୟାଦିଙ୍କ ମଧ୍ୟରେ ବିଭାଜନ ହୋଇଥିଲା ଏବଂ ନିମ୍ନ ନ୍ୟାୟାଳୟମାନେ ଜେଜେମା ହୁଚାମ୍ମାଙ୍କ ଠାରୁ ଉତ୍ତରାଧିକାରୀଙ୍କ ପ୍ରତିବାଦୀଙ୍କ ଆଳକୁ ପ୍ରତ୍ୟାଖ୍ୟାନ କରିଛନ୍ତି । ପ୍ରଥମ ପ୍ରତିବାଦୀ ଏବଂ ତାଙ୍କ ଭାଇମାନଙ୍କ ମଧ୍ୟରେ ଏକ ପୂର୍ବ ବିଭାଜନ ଥିଲା ବୋଲି ଅପିଲ ନ୍ୟାୟାଳୟ ତଥା ଉଚ୍ଚ ନ୍ୟାୟାଳୟ ଏହି ସିଦ୍ଧାନ୍ତକୁ ଗ୍ରହଣ କରିଥିଲେ । ଡି.ଡବ୍ଲ୍ୟୁ.-1 ଭାବରେ ପ୍ରଥମ ପ୍ରତିବାଦୀ ସ୍ୱୀକାର କରିଛନ୍ତି ଯେ, ଅପିଲକାରୀ ଏବଂ ତାଙ୍କ ଭାଇମାନେ, ପ୍ରତିବାଦୀ 7 ଏବଂ 8 ମଧ୍ୟରେ ଏକ ବିଭାଜନ ଥିଲା ଏବଂ ସେମାନେ ଦଖଲ ଏବଂ ଭୋଗଅଧିକାରରେ ଥିଲେ ଏବଂ ସେମାନଙ୍କର ସମ୍ପୃକ୍ତ ସମ୍ପତ୍ତି ସୀମା ନିର୍ଣ୍ଣୟ ପ୍ରଣାଳୀ ଦ୍ୱାରା ନିର୍ଣ୍ଣିତ ହୋଇ ବିଭାଜିତ ହୋଇଥିଲା । ଏହା ମଧ୍ୟ ବିବାଦୀୟ ନୁହେଁ ଯେ, 1929-30 ମସିହାରେ, ଅପିଲକାରୀଙ୍କ ପିତାଙ୍କ ନାମରେ ଜମିର ସ୍ଥାନାନ୍ତର ପରିବର୍ତ୍ତନ ହୋଇଥିଲା । ଅପିଲ ନ୍ୟାୟାଳୟଙ୍କ ଦ୍ୱାରା ନଥିଭୁକ୍ତ କରାଯାଇଥିବା ନିଷ୍କର୍ଷ ହେଉଛି ଯେ, ଇଏକ୍ସଟି. 24 ଅନୁଯାୟୀ ସମସ୍ତ ଭାଇମାନଙ୍କ ଦ୍ୱାରା ସ୍ୱାକ୍ଷରିତ ଏକ ମିଳିତ ଆବେଦନରେ, ସମ୍ପତ୍ତିକୁ ଅପିଲକାରୀଙ୍କ ପିତାଙ୍କ ନାମରେ ପରିବର୍ତ୍ତନ କରାଯାଇଥିଲା । ଅପିଲକାରୀଙ୍କ ପିତାଙ୍କ ନାମରେ ହୋଇଥିବା ହସ୍ତାନ୍ତରଣକୁ ଆପତ୍ତି କରି 1929-30 ମସିହାରୁ ଆଜି ପର୍ଯ୍ୟନ୍ତ କୌଣସି ପ୍ରୟାସ କରାଯାଇ ନଥିଲା । ତେଣୁ, ଏହି ତଥ୍ୟଗୁଡ଼ିକ ନିର୍ଣ୍ଣାୟକ ଭାବରେ ପ୍ରତିପାଦିତ କରେ ଯେ, ଅପିଲକାରୀଙ୍କ ପିତାଙ୍କ ସମେତ ପାଞ୍ଚ ଭାଇଙ୍କ ମଧ୍ୟରେ ପୂର୍ବରୁ ଏକ ବିଭାଜନ ଥିଲା ଏବଂ ତା'ପରେ ଆବଶ୍ୟକୀୟ ଭାବରେ ବାଦ ପଞ୍ଜୀକୃତ ସମ୍ପତ୍ତି ବାଦୀଙ୍କ ପିତାଙ୍କ ଅଂଶକୁ ଦିଆ ଯାଇଥିଲା ଏବଂ 1929-30 ମସିହାରେ ପ୍ରବେଶ କରାଯାଇଥିବା ମିଳିତ ଆବେଦନ, ଇଏକ୍ସଟି 24 ଅନୁସାରେ ହସ୍ତାନ୍ତରଣ କାର୍ଯ୍ୟକାରୀ ହୋଇଥିଲା । ଫଳସ୍ୱରୂପ, ପାଞ୍ଚ ଭାଇଙ୍କ ମଧ୍ୟରେ ଏକ ସୀମାବଦ୍ଧ ନିର୍ଣ୍ଣୟ ପ୍ରଣାଳୀ ଭାବେ ବିଭାଜନ ହୋଇଥିଲା ଏବଂ ଏହା ସ୍ୱୀକାର କରାଯାଇଛି ଯେ, ଏହାକୁ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ଏକ ସ୍ୱୀକାରୋକ୍ତି ଭାବରେ ଗ୍ରହଣ କରାଯାଇଥିଲା । ପ୍ରଥମ ପ୍ରତିବାଦୀଙ୍କ ଦ୍ୱାରା ଡି.ଡବ୍ଲ୍ୟୁ-12 ଭାବରେ ପ୍ରଥମ ପ୍ରତିବାଦୀଙ୍କ ଦ୍ୱାରା ସ୍ୱୀକାରୋକ୍ତିକୁ ସ୍ୱୀକାର କରାଯିବାକୁ ଦୃଷ୍ଟିରେ ରଖି ଯେ, ଅପିଲକାରୀ ଏବଂ ତାଙ୍କ ଭାଇମାନଙ୍କ ମଧ୍ୟରେ ଆହୁରି ବିଭାଜନ ହୋଇଥିଲା, ଆବଶ୍ୟକୀୟ ଭାବରେ ସମାନ ଜମିଗୁଡ଼ିକ ଅପିଲକାରୀଙ୍କ ନାମରେ ରହିଥିଲା । ଅପିଲକାରୀ ସମ୍ପତ୍ତି ବିକ୍ରୟ ସମୟରେ କିଣିଛନ୍ତି କି ନାହିଁ ତାହା ଉଚ୍ଚ ନ୍ୟାୟାଳୟ ଭୁଲ ଭାବରେ

ଏକ ପ୍ରସଙ୍ଗ ଉଠାଇଥିଲେ । କୌଣସି ପକ୍ଷଙ୍କର ମାମଲାରେ ଏହା ନୁହେଁ ଯେ, ସେ ସମ୍ପତ୍ତି କିଣିଥିଲେ । ଏହା ପୈତୃକ ସମ୍ପତ୍ତି ଅଟେ ଯାହା ଭାଇ ଏବଂ ବାଦୀଙ୍କ ପିତାଙ୍କ ମଧ୍ୟରେ ବିଭାଜନ ଦ୍ୱାରା ଉତ୍ତରାଧିକାରୀ ହୋଇଥିଲା ଏବଂ ଭାଇମାନଙ୍କ ମଧ୍ୟରେ ବିଭାଜନ ଦ୍ୱାରା ପିତାଙ୍କ ମୃତ୍ୟୁ ପରେ ଆହୁରି ଉତ୍ତରାଧିକାରୀ ହୋଇଥିଲା । ଏହାଦ୍ୱାରା ସେ ସମ୍ପତ୍ତିର ଅଧିକାର ହାସଲ କରିଥିଲେ । ତେଣୁ, ସିପିସିର ଧାରା 100 ଅନୁଯାୟୀ ପ୍ରଥମ ଅପିଲ ନ୍ୟାୟାଳୟଙ୍କ ଦ୍ୱାରା ନଥିଭୁକ୍ତ କରାଯାଇଥିବା ତଥ୍ୟର ନିଷ୍କର୍ଷକୁ ନ୍ୟାୟାଳୟର ଚୂଡ଼ାନ୍ତ ସତ୍ୟ ଭାବରେ ଓଲଟାଇବା ପାଇଁ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ସାକ୍ଷ୍ୟର ତର୍ଜମା ଅଯୁକ୍ତିଯୁକ୍ତ ଅଟେ । ତେଣୁ, ତାଙ୍କ ଦଖଲରେ ହସ୍ତକ୍ଷେପ କରିବାର କୌଣସି ପ୍ରକାରର ଅଧିକାର ଉତ୍ତରଦାତାଙ୍କର ନାହିଁ । ତଦନୁସାରେ, ଅପିଲ ନ୍ୟାୟାଳୟଙ୍କ ଡିକ୍ରି ପୁନଃସ୍ଥାପିତ ହୋଇଛି ଏବଂ ଉଚ୍ଚ ନ୍ୟାୟାଳୟଙ୍କ ଡିକ୍ରିକୁ ରଦ୍ଦ କରାଗଲା । ପ୍ରାର୍ଥନା ଅନୁଯାୟୀ ମକଦ୍ଦମାର ଫଏସଲା ହୋଇଛି ।

ତଦନୁସାରେ ଅପିଲକୁ ଅନୁମତି ଦିଆଯାଇଛି । ବିନା ଖର୍ଚ୍ଚରେ ।

ଜି.ଏନ୍. ଅପିଲକୁ ଅନୁମତି ଦିଆଗଲା ।

—— o ——

<u>ଅସ୍ୱୀକରଣ:</u>

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

<u>ଅନୁବାଦକ</u>

ଯୋଗେଶ୍ୱର ହୋତା

ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।